# NATIONAL NEWS BULLETIN (ODIA)

**19 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷଦିନରେ ପରିଦର୍ଶନ କରିବେ ମାଲାୱିର ବିଭିନ୍ନ ସାଂସ୍କୃତିକ ଐତିହ୍ୟସ୍ଥଳୀ ।
- ନୂଆଦିଲ୍ଲୀରେ କର୍ମଯୋଗୀ ସପ୍ତାହ-ଜାତୀୟ ଶିକ୍ଷଣ ସପ୍ତାହର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଅର୍ଥନୀତି କ୍ଷେତ୍ରରେ ଭାରତ ବିଶ୍ୱର ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଉଭା ହୋଇଛି, କହିଲେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ ।
- ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ କହିଛନ୍ତି ବିଶ୍ୱ ଅର୍ଥନୀତି ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ନେବେ ବ୍ରିକ୍ସ ରାଷ୍ଟ୍ର ସମୂହ ।

ଏବଂ

- ସାରଜାଠାରେ ଚାଲିଥିବା ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କଲା ନ୍ୟୁଜିଲ୍ୟାଣ୍ଡ ।

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ତିନିଦିନିଆ ଆଫ୍ରିକୀୟ ଦେଶ ଗସ୍ତର ଶେଷଦିନରେ ଆଜି ମାଲାୱିସ୍ଥିତ ବିଭିନ୍ନ ସାଂସ୍କୃତିକ ମହତ୍ୱ ବହନ କରୁଥିବା ସ୍ଥାନଗୁଡ଼ିକ ପରିଦର୍ଶନ କରିବେ । ସେଥିମଧ୍ୟରେ ମାଲାୱି ହ୍ରଦ ଏବଂ

ଶ୍ରୀରାଧାକ୍ରିଷ୍ଣ ମନ୍ଦିର ଅନ୍ତର୍ଭୁକ୍ତ । ଗତକାଲି ଶ୍ରୀମତୀ ମୁର୍ମୁ ତାଙ୍କର ମାଲାଓ୍ୱି ପ୍ରତିପକ୍ଷ ଲାଜାରୁଷ ଚାକ୍ ଓ୍ୱେରା ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହାଛଡ଼ା ଦୁଇଦେଶ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ପରେ    ଭାରତ ଓ ମାଲାଓ୍ୱି ମଧ୍ୟରେ କ୍ରୀଡ଼ା, ଯୁବବ୍ୟାପାର, କଳା ଓ ସଂସ୍କୃତି ଏବଂ ଔଷଧ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ଆମର ସମ୍ବାଦଦାତା ଜଣାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଭାରତ ମାଲାଓ୍ୱିକୁ ୧ ହଜାର ମେଟ୍ରିକ୍ ଟନ୍ ଧାନ ଏବଂ ଭାବାଟ୍ରନ୍ କର୍କଟରୋଗ ଚିକିତ୍ସା ମେସିନ୍ ଯୋଗାଇଦେବାକୁ ସମ୍ମତି ପ୍ରଦାନ କରିଛି। ଏତଦ୍‌ବ୍ୟତୀତ ମାଲାଓ୍ୱି ଠାରେ ଭାରତ ପକ୍ଷରୁ ଏକ ସ୍ଥାୟୀ ପ୍ରାକୃତିକ ଅଙ୍ଗ ପ୍ରତିରୋପଣ କେନ୍ଦ୍ର ସ୍ଥାପନ କରିବାକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଘୋଷଣା କରିଛନ୍ତି ।

ଆଲ୍‌ଜେରିଆ, ମୌରୀଟାନିଆ ଏବଂ ମାଲାଓ୍ୱି ଗସ୍ତ ଶେଷକରି ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କର ଆଲ୍‌ଜେରିଆ ଓ ମୌରୀଟାନିଆ ପ୍ରତିପକ୍ଷଙ୍କ ସହିତ ଦ୍ୱିପକ୍ଷୀୟ ସଂପର୍କ ବୃଦ୍ଧି କରିବା ଦିଗରେ ସଫଳ ଆଲୋଚନା କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଦ୍ୱାରା ୩ଟି ଆଫ୍ରିକୀୟ ଦେଶ ସହିତ ଭାରତର ଐତିହାସିକ ସଂପର୍କର ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ବୈଠକରେ ଆଫ୍ରିକୀୟ ସଂଘ ସ୍ଥାୟୀ ସଦସ୍ୟ ଭାବେ ଯୋଗଦେବାର ୧ବର୍ଷ ପରେ ଏହି ଆଫ୍ରିକୀୟ ଦେଶଗୁଡ଼ିକୁ ଗସ୍ତ

କରିବାରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ପ୍ରଥମ ଭାରତୀୟ ରାଷ୍ଟ୍ରପତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ପିଏମ୍-କର୍ମଯୋଗୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ କର୍ମଯୋଗୀ ସପ୍ତାହ- ଜାତୀୟ ଶିକ୍ଷଣ ସପ୍ତାହର ଶୁଭାରମ୍ଭ କରିବେ । ଏହି ସପ୍ତାହରେ ପ୍ରତ୍ୟେକ କର୍ମଯୋଗୀ ଅତିକମ୍‌ରେ ୪ ଘଣ୍ଟିଆ ଦକ୍ଷତା ସଂଯୁକ୍ତ ଶିକ୍ଷା ହାସଲ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିରେ ବ୍ୟକ୍ତିଗତ ଏବଂ ମନ୍ତ୍ରାଳୟ ଓ ସଂଗଠନ ସ୍ତରରେ ଜାତୀୟ ଶିକ୍ଷଣ ସପ୍ତାହ କାର୍ଯ୍ୟକାରୀ ହେବ । ଅଂଶଗ୍ରହଣକାରୀମାନେ ୱେବିନାର ଓ ବକ୍ତୃତା ଆଧାରିତ ବିଭିନ୍ନ ମଡ୍ୟୁଲ ଅଧୀନରେ ଧାର୍ଯ୍ୟ ସମୟରେ ଶିକ୍ଷଣ ଲକ୍ଷ୍ୟ ହାସଲ କରିବେ । ସୂଚନା ଅନୁଯାୟୀ ଏହି ସପ୍ତାହରେ ବିଶିଷ୍ଟ ବକ୍ତାମାନେ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ମିଶନ କର୍ମଯୋଗୀ ୨୦୨୦ ମସିହା ସେପ୍ଟେମ୍ବର ମାସରେ ଆରମ୍ଭ କରାଯାଇଥିଲା । ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ନୈତିକତା ଆଧାରରେ ଉତ୍ତମ ଭବିଷ୍ୟତ ଲାଗି ପ୍ରସ୍ତୁତ ଏହି ଯୋଜନାରେ ଯଥେଷ୍ଟ ଅଗ୍ରଗତି ଘଟିଛି ।

# ଭିପି-ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ରାଜସ୍ଥାନର ସିକାରକୁ ଦିନିକିଆ ଗସ୍ତ କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ସିକାର ସ୍ଥିତ ଶୋଭା ସାରିଆ ଗ୍ରୁପ୍ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେବା ସହିତ ଏଥିରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି ।

# ଗୋୟଲ୍-ଇକନମି

ଅର୍ଥନୀତି କ୍ଷେତ୍ରରେ ଭାରତ ବର୍ତ୍ତମାନ ସମଗ୍ର ବିଶ୍ୱର ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଉଭା ହୋଇଛି ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଏ ସଂପର୍କିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗୋୟଲ କହିଛନ୍ତି ଭାରତ ଚକ୍ରିୟ ଅର୍ଥବ୍ୟବସ୍ଥାରେ ବିଶ୍ୱାସ କରେ ।

କିଛିବର୍ଷ ପୂର୍ବେ ଭାରତର ଅର୍ଥବ୍ୟବସ୍ଥା ଦୁର୍ବଳ ଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଏହା କ୍ରମଶଃ ସଶକ୍ତ ହୋଇପାରିଛି । ବର୍ତ୍ତମାନ ଦେଶର ବୈଦେଶିକ ମୁଦ୍ରା ପାଣ୍ଠି ୭ଶହ ବିଲିୟନ ଡଲାର ଅତିକ୍ରମ କରିଛି । ତେଣୁ ଭାରତ ସହିତ ଅର୍ଥନୈତିକ ସଂପର୍କ ସଂପ୍ରସାରଣ କରିବା ଲାଗି ସମଗ୍ର ବିଶ୍ୱ ଆଗ୍ରହ ପ୍ରକାଶ କରୁଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ଗତ କିଛିବର୍ଷ ମଧ୍ୟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଥିବାରୁ ଏହି ଅବସରରେ ଶ୍ରୀ ଗୋୟଲ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏକ ପରିବେଶ ଅନୁକୂଳ ବିଶ୍ୱ ଗଠନ ଲାଗି ଜଳବାୟୁ ପରିବର୍ତ୍ତନ ଭଳି ବିପର୍ଯ୍ୟୟ ଗୁଡ଼ିକର ସମାଧାନ ଦିଗରେ ମିଳିତ ଭାବେ ପ୍ରୟାସ କରିବାକୁ ଶ୍ରୀ ଗୋୟଲ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

# ପେଟ୍ରୋ କେମିକାଲ୍-ପୁରୀ

୨୦୨୫ ମସିହା ସୁଦ୍ଧା ଭାରତର ରସାୟନ ଓ ପେଟ୍ରୋ କେମିକାଲ୍ କ୍ଷେତ୍ରରେ କାରବାର ବୃଦ୍ଧି ପାଇ ୩ଶହ ବିଲିୟନ ଡଲାର ଛୁଇଁବାର ଲକ୍ଷ୍ୟ ରଖାଯାଇଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି । ଗତକାଲି

ନୂଆଦିଲ୍ଲୀଠାରେ ପେଟ୍ରୋ କେମିକାଲ୍ ସଂପର୍କିତ ଇଣ୍ଡିଆ କେମ୍-୨୦୨୪ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ପୁରୀ କହିଛନ୍ତି ବର୍ତ୍ତମାନ ରସାୟନ ଓ ପେଟ୍ରୋ କେମିକାଲ୍ କ୍ଷେତ୍ରରେ କାରବାର ୨୨୦ ବିଲିୟନ ଡଲାର ରହିଛି । ଭାରତର ପେଟ୍ରୋ କେମିକାଲ୍ କ୍ଷେତ୍ରର ବିଶାଳ ସମ୍ଭାବନା ଉପରେ ଆଲୋକପାତ କରି ସେ କହିଛନ୍ତି ଦେଶରେ ବାର୍ଷିକ ୨୫ରୁ ୩୦ ମିଲିୟନ ମେଟ୍ରିକ୍ ଟନ୍ ପେଟ୍ରୋ କେମିକାଲ୍ ବ୍ୟବହାର କରାଯାଉଛି । ଏଥିସହିତ ଭାରତ ଏସିଆର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାର ମାନ୍ୟତା ପାଇଛି । ସେହିଭଳି ରସାୟନ ଉତ୍ପାଦ କ୍ଷେତ୍ରରେ ଭାରତ ଏସିଆର ତୃତୀୟ ତଥା ବିଶ୍ୱର ଷଷ୍ଠ ସର୍ବବୃହତ ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ହାସଲ କରିଛି । ବର୍ତ୍ତମାନ ଭାରତ ୧୭୫ଟି ଦେଶକୁ ରସାୟନ ଉତ୍ପାଦ ରପ୍ତାନୀ କରୁଥିବା ବେଳେ ମୋଟ୍ ରପ୍ତାନୀ ପରିମାଣର ଏହା ୧୫ ପ୍ରତିଶତ ବୋଲି ଶ୍ରୀ ପୁରୀ କହିଛନ୍ତି ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ୨୨ ତାରିଖରୁ ଦୁଇ ଦିନ ଲାଗି ରୁଷ ଗସ୍ତ କରିବେ । କାଜାନ୍ ଠାରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଷୋଡ଼ଶ ବ୍ରିକ୍ସ ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" । ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ

ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆଗାମୀ ଦିନରେ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ଦିଗରେ ସହାୟକ ହେବେ ବୋଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ ଆଶାବ୍ୟକ୍ତ କରିଛନ୍ତି । ଗତକାଲି ମସ୍କୋ ଠାରେ ବ୍ରିକ୍ସ ବ୍ୟବସାୟିକ ଫୋରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ଶ୍ରୀ ପୁଟିନ୍ କହିଛନ୍ତି  ବ୍ରିକ୍ସର ଅର୍ଥବ୍ୟବସ୍ଥା ବର୍ତ୍ତମାନ ସଶକ୍ତ ରହିଛି । ବିକଶିତ ପଶ୍ଚିମ ଦେଶଗୁଡ଼ିକର ଅର୍ଥବ୍ୟବସ୍ଥା ତୁଳନାରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ଆଗାମୀ ଦିନରେ ଏକ ଉଜ୍ଜ୍ୱଳ ସମ୍ଭାବନା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଇଜିପ୍ଟ, ଇଥିଓପିଆ, ଇରାନ ଓ ସଂଯୁକ୍ତ ଆରବ ଏମିରେଟ୍‌ସ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ବାଣିଜ୍ୟ କାରବାର ସଂପ୍ରସାରଣ କରିସାରିଛନ୍ତି ।

## ଇଣ୍ଡିଆ-ସାଉଦି ଆରବ

ଭାରତ ଓ ସାଉଦିଆରବ ମଧ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ରଣନୈତିକ ଭାଗିଦାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ସଚିବ ବିକ୍ରମ ମିଶ୍ରି ନେଇଥିବା ବେଳେ ସାଉଦିଆରବ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ରାଜନୈତିକ ବ୍ୟାପାର ଉପମନ୍ତ୍ରୀ ଡକ୍ଟର ସାଉଦ୍ ଅଲ୍ ସାତି । ଏହି ବୈଠକରେ ଦୁଇଦେଶ ମଧ୍ୟରେ ରାଜନୈତିକ, ନିରାପତ୍ତା, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ର ସମେତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଦ୍ୱିପକ୍ଷୀୟ, ଆଞ୍ଚଳିକ ତଥା

ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରାଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଏଗ୍ରି-କନଫରେନ୍ସ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ନୂଆଦିଲ୍ଲୀଠାରେ ରବି ଅଭିଯାନ ସଂପର୍କିତ ଏକ ଦିନିକିଆ ଜାତୀୟ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ। ରବି ଫସଲରେ ସଂପୃକ୍ତ ସମସ୍ତ ପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସହିତ ଏ ଦିଗରେ ନବସୃଜନତା ଆପଣାଇବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଏତଦ୍‌ବ୍ୟତୀତ ଆଗାମୀ ରବିଋତୁ ପାଇଁ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ତଥା ଏଥିରେ ସଂପୃକ୍ତ ବିଭିନ୍ନ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

## କୋଲ୍ ମାଇନ୍-ବିଡ୍

କୋଇଲା ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ବାଣିଜ୍ୟିକ କୋଇଲାଖଣି ନିଲାମର ଦଶମ ରାଉଣ୍ଡରେ ମୋଟ୍ ୪୪ଟି ବିଡ୍ ଦାଖଲ ହୋଇଥିବା ଜଣାପଡ଼ିଛି । ଏ ସଂପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଏକ ବିବୃତିରେ କୁହାଯାଇଛି ଏତେ ସଂଖ୍ୟକ ବିଡ୍ ଦାଖଖଲ ଦ୍ୱାରା ଭାରତର ସମ୍ଭାବ୍ୟ କୋଇଲା କ୍ଷେତ୍ରରେ ବିଭିନ୍ନ ପ୍ରତିପକ୍ଷଙ୍କର ଅଂଶ ଗ୍ରହଣ କରିବା ଦିଗରେ ଆଗ୍ରହ ବୃଦ୍ଧି ପାଉଥିବା ପ୍ରତିଫଳିତ ହେଉଛି । ଚଳିତବର୍ଷ ଜୁନ୍ ୨୧ ତାରିଖରେ ୬୭ଟି ବାଣିଜ୍ୟିକ କୋଇଲାଖଣି ଲାଗି ଏହି ଦଶମ ରାଉଣ୍ଡ ନିଲାମର ଶୁଭାରମ୍ଭ କରାଯାଇଥିଲା । ଗତକାଲି ବିଡ୍ ଦାଖଲର ଶେଷ ଦିବସ

ଥିଲା । ଉଭୟ ଅନ୍‌ଲାଇନ୍ ଓ ଅଫ୍ ଲାଇନ ଦ୍ୱାରା ଦାଖଲ କରାଯାଇଥିବା ବିଡ୍ ଗୁଡ଼ିକ ସଂପୃକ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ବିଡରମାନଙ୍କ ଉପସ୍ଥିତିରେ ଆସନ୍ତା ସୋମବାର ଦିନ ଖୋଲାଯିବ ବୋଲି ଜଣାପଡ଼ିଛି ।

## ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଠାରେ ଏକ ବସ୍ ନାଳରେ ଖସିପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି । ଜଣେ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ୫୩ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବସ୍‌ଟି ନାଳ ଭିତରେ ଖସିପଡ଼ିବାରୁ ଦୁର୍ଘଟଣା ହୋଇଛି ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି ।

## ୱିମେନ୍ସ କ୍ରିକେଟ୍

ସଂଯୁକ୍ତ ଆରବ ଏମିରେଟ୍‌ସର ସାରଜାଠାରେ ଚାଲିଥିବା ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍ ପର୍ଯ୍ୟାୟରେ ନ୍ୟୁଜିଲ୍ୟାଣ୍ଡ ପ୍ରବେଶ କରିଛି । ଗତରାତିରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍‌ରେ ନ୍ୟୁଜିଲ୍ୟାଣ୍ଡ' ୱେଷ୍ଟଇଣ୍ଡିଜ୍‌କୁ ୮ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନ୍ୟୁଜିଲ୍ୟାଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୮ ରନ୍ କରିଥିଲା । ଦଳ ପକ୍ଷରୁ ଜର୍ଜିଆ ପ୍ଲିମର ସର୍ବାଧିକ ୩୩ ରନ୍ କରିଥିଲେ । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଡିନ୍ଦ୍ରା ଡଟିନ୍ ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୨୯ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୨୦ ରନ୍ କରିଥିଲା । ଦଳ ପକ୍ଷରୁ ଡିନ୍ଦ୍ରା ୩୩ ରନ୍ କରିଥିଲେ । ନ୍ୟୁଜିଲ୍ୟାଣ୍ଡର ଇଡେନ୍ କାର୍ସନ ୩ଟି ୱିକେଟ୍ ଅକ୍ତିଆର

କରିଥିଲେ । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ନ୍ୟୁଜିଲ୍ୟାଣ୍ଡ’ ଦକ୍ଷିଣ ଆଫ୍ରିକାକୁ ଭେଟିବ ।